ଏ. ଏସ୍. ନାରାୟଣ ଦୀକ୍ଷିତୁଲୁ ଇତ୍ୟାଦି

ବନାମ

ଆନ୍ଧ୍ର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ମଇ 9, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ଆନ୍ଧ୍ର ପ୍ରଦେଶ ଦାତବ୍ୟ ଏବଂ ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଏବଂ ଦେବୋତ୍ତର ଅଧିନିୟମ, 1987:*

*ହିନ୍ଦୁ ଆଇନ – ଅର୍ଚ୍ଚକ – ବଂଶାନୁଗତ ଅଧିକାରର ଉଚ୍ଛେଦ – ଏକ କଲ୍ୟାଣକାରୀ ଯୋଜନା ପାଇଁ ସମିତିର ଗଠନ – ସମିତିର ସୁପାରିଶ – ସରକାରଙ୍କ ଦ୍ୱାରା ସ୍ୱୀକୃତି – ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନୁମୋଦିତ ।*

**ଆନ୍ଧ୍ର ପ୍ରଦେଶ ଦାତବ୍ୟ ଏବଂ ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଏବଂ ଦେବୋତ୍ତର ଅଧିନିୟମ, 1987 ର ବିଭିନ୍ନ ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ବଜାୟ ରଖି ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ, ଅର୍ଚ୍ଚକ ଏବଂ ଅନ୍ୟ ପଦାଧିକାରୀଙ୍କ ବଂଶାନୁଗତ ଅଧିକାରର ଉଚ୍ଛେଦ ଅସାମ୍ବିଧାନିକ ନୁହେଁ ।* ଏହି ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଅର୍ଚ୍ଚକ ଏବଂ ମନ୍ଦିରର ଅନ୍ୟ କର୍ମଚାରୀ ତଥା ସେମାନଙ୍କ ନିର୍ଭରଶୀଳଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ ସମିତି ଗଠନ କରାଯାଇଥିଲା । ଉକ୍ତ ସମିତି ଅର୍ଚ୍ଚକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାରିଶ୍ରମିକ ପାଣ୍ଠି ଗଠନ, ଅବସରକାଳୀନ ଭତ୍ତା, ସମପୋଷାକ ବଣ୍ଟନ, କଲ୍ୟାଣ ଅଧିକାରୀ ନିଯୁକ୍ତି, ଏକ ପୃଥକ ସେବା ସର୍ତ୍ତାବଳୀ ପ୍ରସ୍ତୁତ କରିବା, ପାଣ୍ଠିରେ ଦିଆଯାଇଥିବା ଯୋଗଦାନ ସମ୍ବନ୍ଧରେ ଆୟକର ଅଧିନିୟମ 80-ଜି ଅନୁଯାୟୀ ଦାତାମାନଙ୍କୁ ଅବ୍ୟାହତି ଦେବା, ଆନ୍ଧ୍ର ପ୍ରଦେଶ ବୃତ୍ତିଦାନ ଅର୍ଚ୍ଚକ ଏବଂ ଅନ୍ୟାନ୍ୟ ଧର୍ମନିରପେକ୍ଷ କର୍ମଚାରୀ କଲ୍ୟାଣ ପାଣ୍ଠି ସମ୍ବନ୍ଧରେ ଆଇନରେ ସଂଶୋଧନ; ଏବଂ ଆଗମ ପାଠଶାଳା ଯୋଜନା ପ୍ରସ୍ତୁତ କରିବା ଏବଂ ଦଲିଲରେ ପରାମର୍ଶ ଦିଆଯାଇଥିବା ସତେଜକ ପାଠ୍ୟକ୍ରମ ପରିଚାଳନା ବିଷୟରେ ବିଭିନ୍ନ ସୁପାରିଶ କରିଥିଲେ ।**

**ଏହି ଆବେଦନକୁ ପରିସମାପ୍ତି କରି, ଏହି ନ୍ୟାୟାଳୟ**

**ଦର୍ଶାଇଥିଲେ : ସମିତି ଦ୍ୱାରା କରାଯାଇଥିବା ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ସୁପାରିଶକୁ ଅନୁମୋଦନ କରାଯାଇଛି । ନ୍ୟାସ ଦଲିଲକୁ ଏହି ଆଦେଶର ଅଂଶବିଶେଷ ଭାବେ ବିବେଚନା କରାଯିବା ଉଚିତ ।**

** ଏ.ଏସ୍. ନାରାୟଣ ଦୀକ୍ଷିତୁଲୁ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ,* [1996] 9 SCC548 ।

**ଦେୱାନୀ ମୂଳ କ୍ଷେତ୍ରାଧିକାର:** ଆଇ.ଏ. ସଂଖ୍ୟା 7 ଏବଂ 12

**ରେ**

ରିଟ୍ ଆବେଦନ (ସି) ସଂଖ୍ୟା 638/1987 ।

(ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ)

**ସହିତ**

ଡବ୍ଲ୍ୟୁ. ପି. (ସି) 696/87ରେ ଆଇ.ଏ. ସଂଖ୍ୟା 3, ଟି.ସି. (ସି) ସଂଖ୍ୟା 170/88ରେ ଆଇ. ଏ. ସଂଖ୍ୟା 3, ଟି.ସି.(ସି) ସଂଖ୍ୟା 175/88ରେ ଆଇ.ଏ. ସଂଖ୍ୟା 4, ଟି.ସି. (ସି) ସଂଖ୍ୟା 38/90ରେ ଆଇ.ଏ. ସଂଖ୍ୟା 2 ଏବଂ ଡବ୍ଲ୍ୟୁ.ପି.(ସି) ସଂଖ୍ୟା 1090/87ରେ ଆଇ.ଏ. ସଂଖ୍ୟା 4 ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଡି. ଡି. ଠାକୁର, ପି. ପି. ରାଓ, ହରଦେବ ସିଂ, ଡଃ. ଗୌରୀ ଶଙ୍କର, ସି. ମୁକୁନ୍ଦ, ଟି. ଭି. ରତ୍ନମ, ବି. କାନ୍ତା ରାଓ, କେ. ରାମ କୁମାର, ସି. ବାଲାସୁବ୍ରମଣ୍ୟମ୍, ଶ୍ରୀମତୀ ଆଶା ନାୟାର, ଭି. ବାଲାଜୀ, ଏନ୍. ଗଣପତି, ଏ. ଟି. ଏମ୍. ସାମ-ପଥ, ସୁଶ୍ରୀ ମୀନାକ୍ଷୀ ଅଗ୍ରୱାଲ, ଏ. ସୁବ୍ବା ରାଓ, ଏ. ଡି. ଏନ୍. ରାଓ, ଭି ବାଲଚନ୍ଦ୍ରନ, ଜୈନ ହଂସାରିଆ ଆଣ୍ଡ କୋ., ପି. ଏନ୍. ରାମଲିଙ୍ଗମ୍, ବି. ପାର୍ଥସାରଥୀ, ୱାଇ. ପି.ରାଓ, ସୁଶ୍ରୀ ସାଧନା ରାମଚନ୍ଦ୍ରନ, ସୁଶ୍ରୀ ବି. ସୁନୀତା ରାଓ ଏବଂ ସୁଶ୍ରୀ ଏଚ୍. ୱାହି ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା

**କେ. ରାମାସ୍ୱାମୀ, ନ୍ୟାୟମୂର୍ତ୍ତି** ଉପରୋକ୍ତ ପ୍ରସଙ୍ଗରେ ଆଜି ଘୋଷିତ ପୃଥକ ରାୟକୁ ଦୃଷ୍ଟିରେ ରଖି, ସମିତି ଦ୍ୱାରା ନିମ୍ନଲିଖିତ ସୁପାରିଶ କରାଯାଇଛି ଏବଂ ସରକାରଙ୍କ ଦ୍ୱାରା ଏହାକୁ ଗ୍ରହଣ କରାଯାଇଛି:

1. ଅର୍ଚ୍ଚକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଦରମା ଏବଂ ପାରିଶ୍ରମିକ ପାଣ୍ଠିର ଗଠନ ।

2. ଆଞ୍ଚଳିକ ଯୁଗ୍ମ ଆୟୁକ୍ତ ଏବଂ ଉପଆୟୁକ୍ତ ସବର୍ଗ ମନ୍ଦିରରେ ଥିବା ଭଳି ଅବସରକାଳୀନ ଭତ୍ତା ଯୋଜନା ପ୍ରଦାନ କରିବା ।

3. ଅର୍ଚ୍ଚକ ଏବଂ ଅନ୍ୟ କର୍ମଚାରୀଙ୍କୁ ଧୋତି, ସମପୋଷାକ/ପୋଷାକ ପ୍ରଦାନ କରିବା ।

4. ଯେହେତୁ ଅତିରିକ୍ତ ଆୟୁକ୍ତଙ୍କୁ ନିଯୁକ୍ତ କରିବାକୁ ପରାମର୍ଶ ଦିଆଯାଇଛି, ଅର୍ଚ୍ଚକ ଏବଂ ଧର୍ମନିରପେକ୍ଷ କର୍ମଚାରୀଙ୍କ କଲ୍ୟାଣମୂଳକ ପଦକ୍ଷେପ ଦେଖିବା ପାଇଁ କଲ୍ୟାଣ ଅଧିକାରୀଙ୍କ ନିଯୁକ୍ତି ଅନାବଶ୍ୟକ ହୋଇଯାଇଛି ।

5. ଅର୍ଚ୍ଚକ ଏବଂ ଅନ୍ୟ ଧାର୍ମିକ କର୍ମଚାରୀ ବୃନ୍ଦଙ୍କ ସମ୍ବନ୍ଧରେ ସେମାନଙ୍କ ସହିତ ଜଡ଼ିତ ସ୍ୱତନ୍ତ୍ର କର୍ତ୍ତବ୍ୟକୁ ଦୃଷ୍ଟିରେ ରଖି ଏକ ପୃଥକ ସେବା ସର୍ତ୍ତାବଳୀ ପ୍ରସ୍ତୁତ କରିବାକୁ ସରକାରଙ୍କ ସ୍ୱୀକୃତି ଏକ ଭଲ ପ୍ରସ୍ତାବ ଅଟେ ।

6. ବର୍ତ୍ତମାନର କଲ୍ୟାଣକାରୀ ଯୋଜନାକୁ ପ୍ରସ୍ତୁତ କରାଯାଇଥିବା କଲ୍ୟାଣକାରୀ ଯୋଜନା ସହିତ ମିଶ୍ରଣ କରିବା ।

7. ପାଣ୍ଠିରୁ ପ୍ରାପ୍ତ ଆୟ ଏବଂ ଜନସାଧାରଣଙ୍କ ଠାରୁ ପ୍ରାପ୍ତ ଦାନ ସମ୍ବନ୍ଧରେ ଆୟକର ପ୍ରାପ୍ତ କରିବା ପାଇଁ ଏବଂ ଆୟକର ଅଧିନିୟମ 80-ଜି ଅନୁଯାୟୀ ଦାତାମାନଙ୍କୁ 100 ପ୍ରତିଶତ ଅବ୍ୟାହତି ଦେବା ପାଇଁ ଆୟକର କର୍ତ୍ତୃପକ୍ଷଙ୍କ ନିକଟକୁ ଯିବା ସମ୍ବନ୍ଧୀୟ ସର୍ତ୍ତ ସଂଖ୍ୟା 7 ସମ୍ବନ୍ଧରେ, ପାଣ୍ଠିକୁ ଦିଆଯାଇଥିବା ଯୋଗଦାନ ସମ୍ବନ୍ଧରେ, ଭାରତ ସରକାରଙ୍କୁ ଏପରି ଅବ୍ୟାହତି ଦେବା ବିଷୟରେ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

8. ଯଦିଓ, ଏହି କଲ୍ୟାଣମୂଳକ ପଦକ୍ଷେପ ଅଭାବୀ ଲୋକଙ୍କ ଦ୍ୱାରଦେଶରେ ପହଞ୍ଚିବା ଉଚିତ ବୋଲି ପରାମର୍ଶ ପ୍ରଶଂସନୀୟ, ତଥାପି ଏଥିରେ ବ୍ୟାପକ ବ୍ୟୟରାଶିର ବ୍ୟାବହାରିକ ଅସୁବିଧା ରହିଛି । ତେଣୁ, କଲ୍ୟାଣମୂଳକ ପଦକ୍ଷେପଗୁଡ଼ିକ ହାଇଦ୍ରାବାଦର ସଦର ମହକୁମାର ଅତିରିକ୍ତ ଆୟୁକ୍ତଙ୍କ ଦ୍ୱାରା ପରିଚାଳିତ ହେବ ।

୨. ଆନ୍ଧ୍ର ପ୍ରଦେଶ ବୃତ୍ତିଦାନ ଅର୍ଚ୍ଚକ ଏବଂ ଅନ୍ୟ ଧର୍ମନିରପେକ୍ଷ କର୍ମଚାରୀ କଲ୍ୟାଣ ପାଣ୍ଠି ସମ୍ବନ୍ଧରେ ଅଧିନିୟମରେ ସଂଶୋଧନ ମଧ୍ୟ ଅଧିନିୟମରେ ଉପଯୁକ୍ତ ସଂଶୋଧନ ଦ୍ୱାରା ବୈଧାନିକ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଅଣାଯିବା ଉଚିତ ଯାହା ଦ୍ୱାରା ଏହା ଏକ ବୈଧାନିକ ଆଧାର ଗଠନ କରିବ ।

10. ଏହି ଦଲିଲରେ ପ୍ରସ୍ତାବିତ 'ଆଗମ ପାଠଶାଳା' ଯୋଜନା ପ୍ରସ୍ତୁତ କରିବା ଏବଂ ସତେଜକ ପାଠ୍ୟକ୍ରମ ପରିଚାଳନା କରିବା ।

ପୃଥକ ରାୟରେ ଯାହା ଦର୍ଶାଯାଇଛି ତାହାକୁ ଦୃଷ୍ଟିରେ ରଖି, ଆମେ ସମିତି ଦ୍ୱାରା ଦିଆଯାଇଥିବା ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଉପରୋକ୍ତ ସୁପାରିଶକୁ ଅନୁମୋଦନ କରୁଛୁ ।

ନ୍ୟାସ ଦଲିଲକୁ ଏହି ଆଦେଶର ଅଂଶବିଶେଷ ଭାବେ ବିବେଚନା କରାଯିବା ଉଚିତ ।

ଆବେଦନ ସେହି ଅନୁଯାୟୀ ପରିସମାପ୍ତି କରାଗଲା ।

ଟି.ଏନ୍. ଏ. ଆବେଦନର ପରିସମାପ୍ତି ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ